# NATIONAL NEWS BULLETIN (ODIA)

## 17 April - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତ୍ରିପୁରାରେ ପାର୍ଟି ପ୍ରାର୍ଥୀମାନଙ୍କ ସମର୍ଥନରେ ପ୍ରଚାର କରିଛନ୍ତି ।
- କଂଗ୍ରେସ ନେତା ରାହୁଲ ଗାନ୍ଧି ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଆଜି ଗାଜିଆବାଦ୍ ଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇଛନ୍ତି ।
- ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆସନ୍ତାକାଲି ବିଜ୍ଞପ୍ତି ଜାରି ହେବ ।
- ଜାମ୍ମୁ କାଶ୍ମୀରର ପୁଞ୍ଚ ଜିଲ୍ଲା ସ୍ଥିତ ମେନ୍ଧାର ସବ୍‌ଡିଭିଜନ୍‌ରେ ନିରାପତ୍ତା ବାହିନୀ ଯବାନମାନେ ଏକ ସନ୍ଦିଗ୍ଧ ସନ୍ତ୍ରାସବାଦୀ ଆଡ୍ଡା ସ୍ଥଳୀକୁ ଠାବ କରି ବହୁ ବିସ୍ଫୋରକ ପଦାର୍ଥ ଉଦ୍ଧାର କରିଛନ୍ତି ।

ଏବଂ

- ଭାରତୀୟ ପାଣିପାଗ ବିଭାଗ ପରବର୍ତ୍ତୀ ୪ ଦିନ ଧରି ଓଡ଼ିଶା ଓ ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳରେ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବାର ଅନୁମାନ କରିଛି ।

## ତ୍ରିପୁରା-ପିଏମ୍

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତ୍ରିପୁରାରେ ଇଣ୍ଡିଆ ମେଣ୍ଟର ଅଂଶିଦାର ଦଳ କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟିର ତୀବ୍ର ସମାଲୋଚନା କରିଛନ୍ତି । ସେହି ଦୁଇ ପାର୍ଟି କେରଳରେ ପରସ୍ପରର ତୀବ୍ର ବିରୋଧୀ ବୋଲି ସେ କହିଛନ୍ତି । ତ୍ରିପୁରା ପଶ୍ଚିମ ଓ ତ୍ରିପୁରା ପୂର୍ବ ଆସନ ପାଇଁ ପାର୍ଟି ପ୍ରାର୍ଥୀମାନଙ୍କ ସମର୍ଥନରେ ନିର୍ବାଚନ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, କଂଗ୍ରେସ ନେତା ଉତ୍ତରପ୍ରଦେଶରେ ନିର୍ବାଚନ ହାରିଯିବା ପରେ ନିଜର ସମ୍ମାନ ରକ୍ଷା ପାଇଁ କେରଳରୁ ନିର୍ବାଚନ ଲଢ଼ିବେ ।

ସେ କହିଛନ୍ତି, ଏକ ପକ୍ଷରେ ବିଜେପି ଭ୍ରଷ୍ଟାଚାର ହଟାଅ କହୁଥିବା ବେଳେ କଂଗ୍ରେସ ଭ୍ରଷ୍ଟାଚାର ବଞ୍ଚାଅ କହୁଛି । କଂଗ୍ରେସ-କମ୍ୟୁନିଷ୍ଟ ମେଣ୍ଟକୁ ସୁବିଧାବାଦୀ ବର୍ଣ୍ଣନା କରି ସେ କହିଛନ୍ତି, ଏହି ଦୁଇ ଦଳ ଗୋଟିଏ ଲକ୍ଷ୍ୟ ଦିଗରେ କାର୍ଯ୍ୟ କରୁଛନ୍ତି ଓ ତାହା ହେଲା 'ଲୁଟ୍ ଇଷ୍ଟ ନୀତି' ।

ଯେତେବେଳେ ବିଜେପି ନେତୃତ୍ୱର ସରକାର କ୍ଷମତାକୁ ଆସିଥିଲା ସେତେବେଳେ କଂଗ୍ରେସ-ସି.ପି.ଆଇ.ଏମ୍. 'ଲୁଟ୍ ଇଷ୍ଟ ନୀତି' ଲୋପ ହୋଇଯାଇଥିଲା । ବିଜେପି ସପକ୍ଷରେ ମତଦାନ କରିବାକୁ ଭୋଟରମାନଙ୍କୁ ନିବେଦନ କରି ସେ କହିଛନ୍ତି, କେନ୍ଦ୍ର ସରକାର ସର୍ବଦା ତ୍ରିପୁରାର ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି । ତ୍ରିପୁରାରେ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି ।

ସେ ଉତ୍ତର ପୂର୍ବାଞ୍ଚଳ ୫୦ଥର ଗସ୍ତ କରିଥିବାର ଲୋକମାନଙ୍କୁ କହିଛନ୍ତି । ସେ କହିଛନ୍ତି, କିଶାନ୍ ସମ୍ମାନନିଧି ତ୍ରିପୁରାର ଅଢ଼େଇ ଲକ୍ଷ କୃଷକଙ୍କ ଜମାଖାତାରେ ସିଧା ପହଞ୍ଚିଛି ଓ ରାଜ୍ୟର ୩ ଲକ୍ଷ ମହିଳାଙ୍କୁ ରନ୍ଧନ ଗ୍ୟାସ୍ କନେକ୍ସନ୍ ଦିଆଯାଇଛି । ଶ୍ରୀ ମୋଦୀ କହିଛନ୍ତି, ଗତ ୧୦ ବର୍ଷରେ ବିଜେପି ଯାହା କରିଛି, ତାହା କେବଳ ଆରମ୍ଭ ମାତ୍ର । ପାର୍ଟିର ସଂକଳ୍ପପତ୍ର ତ୍ରିପୁରାର ସମୃଦ୍ଧିକୁ ପ୍ରମାଣିତ କରିବ ।

## କଂଗ୍ରେସ-ଏସ୍.ପି.

କଂଗ୍ରେସ ନେତା ରାହୁଲ ଗାନ୍ଧି ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଆଜି ଗାଜିଆବାଦ୍ ଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇଛନ୍ତି । ଶ୍ରୀ ଗାନ୍ଧି କହିଛନ୍ତି, ୨୦୨୪

ନିର୍ବାଚନ ନୀତି ଉପରେ ଲଢ଼ାଯାଉଛି । ଇଣ୍ଡିଆ ମେଣ୍ଟ ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା କରିବାକୁ ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି ।

ବେକାରୀ, ମୁଦ୍ରାସ୍ଫିତି ଓ ସଂସଦୀୟ ନିର୍ବାଚନରେ ଅଂଶଗ୍ରହଣ ମେଣ୍ଟର ମୁଖ୍ୟ ପ୍ରସଙ୍ଗ ରହିଛି । ଲୋକସଭା ନିର୍ବାଚନ ପରେ ସରକାର ଗଠନ କରିବା ବିଷୟ ସେ ଦାବି କରିଛନ୍ତି । ସେ କହିଛନ୍ତି, ମେଣ୍ଟ ସରକାର ଗରିବ ମହିଳାମାନଙ୍କୁ ବାର୍ଷିକ ୧ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବା ଓ ଯୁବାମାନଙ୍କ ପାଇଁ ସର୍ବାଧିକ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ।

ସେ କହିଛନ୍ତି, କୃଷକମାନଙ୍କର କଲ୍ୟାଣ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଲାଗୁ କରାଯିବ । ପ୍ରଶ୍ନପତ୍ର ପ୍ରଘଟ ଲୋପ କରିବାକୁ ଆଇନ୍ ପ୍ରଣୟନ କରାଯିବା ବିଷୟ ସେ କହିଛନ୍ତି । ସମାଜର ବିକାଶ ପାଇଁ ଜାତି ଜନଗଣନା ଜରୁରୀ ବୋଲି ଶ୍ରୀ ଗାନ୍ଧି କହିଛନ୍ତି । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ଏହି ନିର୍ବାଚନ ଦେଶର ରାଜନୀତିକୁ ନୂଆ ଦିଗ ପ୍ରଦାନ କରିବ । ଜନସାଧାରଣ ସେମାନଙ୍କର ଭୋଟ ବିଭାଜନ ନ କରିବାକୁ ସେ ନିବେଦନ କରିଛନ୍ତି ।

# କର୍ଣ୍ଣାଟକ କ୍ୟାମ୍ପେନ୍

କଂଗ୍ରେସ ନେତା ରାହୁଲ ଗାନ୍ଧି କର୍ଣ୍ଣାଟକର ମାଣ୍ଡ୍ୟା ଠାରେ ଏକ ର୍‍ୟାଲିରେ ଉଦ୍‌ବୋଧନ ଦେଇ ପାର୍ଟି ଇସ୍ତାହାରରେ ପ୍ରକାଶ ପାଇଥିବା ଗ୍ୟାରେଣ୍ଟି ଗୁଡ଼ିକ ଉପରେ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି, ଦିଲ୍ଲୀରେ ଇଣ୍ଡିଆ ମେଣ୍ଟ କ୍ଷମତାକୁ ଆସିଲେ ଗୋଟିଏ ପରିବାରର ଜଣେ ମହିଳାଙ୍କୁ ବାର୍ଷିକ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ, କୃଷକମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯିବ ଓ ସେମାନଙ୍କର ଋଣ ଛାଡ଼ କରାଯିବ, ଯୁବାମାନଙ୍କୁ ବର୍ଷେ ବ୍ୟାପି ଆପ୍ରେଣ୍ଟିଇସ୍‌ସିପ୍ ଦିଆଯିବ, ଶ୍ରମଜୀବୀମାନଙ୍କୁ ୪୦୦ ଟଙ୍କାର ସର୍ବନିମ୍ନ ମଜୁରୀ ଦିଆଯିବ ଓ ଆଶା ଏବଂ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଅଧିକ ବେତନ ଦିଆଯିବ । ନିର୍ବାଚନ ବଣ୍ଡ୍ ଏକ ଦୁର୍ନୀତି ଓ ଏହା ବଳପୂର୍ବକ ଅର୍ଥ ଆଦାୟ ବଣ୍ଡ୍ ବୋଲି ସେ କହିଛନ୍ତି ।

ଇତିମଧ୍ୟରେ ବାଙ୍ଗଲୋର୍ ଉତ୍ତର ଲୋକସଭା ଆସନ ବିଜେପି ପ୍ରାର୍ଥୀ ଓ କେନ୍ଦ୍ରମନ୍ତ୍ରୀ ଶୋଭା କରଣ୍ଡଲାଜେ ବିଜେପିର ପ୍ରଚାର ବିଷୟରେ ବେଙ୍ଗାଲୁରୁ ଠାରେ ଗଣମାଧ୍ୟମକୁ ଜଣାଇଛନ୍ତି ।

## ପ୍ରିୟଙ୍କା ଗାନ୍ଧି ରୋଡ୍ ଶୋ’

କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧି ସାହାରାନ୍‌ପୁର ଠାରେ କଂଗ୍ରେସ ପ୍ରାର୍ଥୀ ଇମ୍ରାନ୍ ମସୁଦ୍‌ଙ୍କ ସମର୍ଥନରେ ଏକ ରୋଡ୍ ଶୋ’ କରିଛନ୍ତି । ଶ୍ରୀମତୀ ଗାନ୍ଧି କହିଛନ୍ତି, ଭାରତରେ ସତ୍ୟର ପୂଜା କରାଯାଏ, କ୍ଷମତାର ନୁହେଁ । ପ୍ରଧାନମନ୍ତ୍ରୀଙ୍କର ସମାଲୋଚନା କରି ସେ କହିଛନ୍ତି, ଶ୍ରୀ ମୋଦୀ କ୍ଷମତାର ପୂଜାରୀ, ସତ୍ୟର ପୂଜାରୀ ନୁହନ୍ତି । ସେ କହିଛନ୍ତି, ସରକାର ସର୍ବଦା ଧନୀ ଲୋକମାନଙ୍କର ଆୟ ବୃଦ୍ଧି କରିଆସୁଥିବା ବେଳେ ଦେଶର ଗରିବ ଲୋକମାନେ କୌଣସି ଲାଭ ପାଇ ନାହାନ୍ତି । ପ୍ରିୟଙ୍କା କହିଛନ୍ତି, ବିଜେପି ନିର୍ବାଚନ ବଣ୍ଡ ଯୋଜନା ପ୍ରଣୟନ କରିଥିଲା ଓ ଯେଉଁମାନେ ଅର୍ଥ ଦେଇଛନ୍ତି ସେମାନଙ୍କର ନାମ ପ୍ରକାଶ ନକରିବାକୁ ଚାହୁଁଥିଲା । କିନ୍ତୁ ସୁପ୍ରିମ୍‌କୋର୍ଟ ସେମାନଙ୍କର ନାମ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେବା ପରେ ବିଜେପିର ମୁଖା ଖୋଲି ଯାଇଛି ବୋଲି ସେ କହିଛନ୍ତି ।

ସେ କହିଛନ୍ତି, ମୋଦୀ ସରକାର ଅମଳରେ ସାହାରାନ୍‌ପୁରର ଲୋକମାନଙ୍କର କାଠ ବ୍ୟବସାୟ ଲୋପ ପାଇଯାଇଛି । ସମାଜବାଦୀ ପାର୍ଟି-କଂଗ୍ରେସ ପ୍ରାର୍ଥୀ ଇମ୍ରାନ୍ ମସୁଦ୍‌ଙ୍କୁ ବହୁ ସଂଖ୍ୟକ ଭୋଟ୍ ବ୍ୟବଧାନରେ ବିଜୟୀ କରିବା ପାଇଁ ସେ ଲୋକମାନଙ୍କୁ ନିବେଦନ

କରିଛନ୍ତି । ସାହାରାନ୍‌ପୁରରେ ୧୯ ତାରିଖ ଦିନ ପ୍ରଥମ ପର୍ଯ୍ୟାୟ ମତଦାନ ହେବ ।

## ଇ.ସି.-ଫୋର୍ଥ ଆଣ୍ଡ ଥାର୍ଡ ଫେଜ୍

ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆସନ୍ତାକାଲି ବିଜ୍ଞପ୍ତି ଜାରି ହେବ । ଏହି ପର୍ଯ୍ୟାୟରେ ମେ ମାସ ୧୩ ତାରିଖରେ ୯ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ୯୬ଟି ଲୋକସଭା ଆସନରେ ମତଦାନ ହେବ । ଆନ୍ଧ୍ରପ୍ରଦେଶର ୧୭୫ଟି ଯାକ ବିଧାନସଭା ଆସନ ଏବଂ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୨୮ଟି ବିଧାନସଭା ଆସନ ପାଇଁ ମତଦାନ ସକାଶେ ମଧ୍ୟ ବିଜ୍ଞପ୍ତି ଜାରି ହେବ ।

ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଶୁକ୍ରବାର ଦିନ ଶେଷ ହେବ । ଏହି ପର୍ଯ୍ୟାୟରେ ମେ ମାସ ୭ ତାରିଖରେ ୧୦ଟି ରାଜ୍ୟ ଓ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳର ୯୪ଟି ଲୋକସଭା ଆସନରେ ମତଦାନ ହେବ ।

## ଜେ.କେ.-ଆଇ.ଇ.ଡି.

ଜାମ୍ମୁ କାଶ୍ମୀରର ପୁଞ୍ଛ ଜିଲ୍ଲା ସ୍ଥିତ ମେନ୍ଧାର ସବ୍‌ଡିଭିଜନ୍‌ରେ ପୋଲିସ୍, ସି.ଆର୍.ପି.ଏଫ୍. ଓ ସେନାବାହିନୀ ଆଜି ଏକ ସନ୍ଦିଗ୍ଧ ସନ୍ତ୍ରାସବାଦୀ ଆଡ୍ଡା ସ୍ଥଳୀକୁ ଠାବ କରି ସେଠାରୁ ଦୁଇଟି ଟିଫିନ୍ ବୋମାକୁ ଉଦ୍ଧାର କରିଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି, ପୋଲିସ୍, ରାଷ୍ଟ୍ରୀୟ ରାଇଫଲ୍ସ ଓ ସି.ଆର୍.ପି.ଏଫ୍.ର ୨୪୬ ବାଟାଲିୟନ୍ ଦ୍ୱାରା ଏକ ମିଳିତ ଖାନତଲାସୀ ମେନ୍ଧାର ସବ୍‌ଡିଭିଜନ୍‌ର ସାନାଇ-ଗୁରୁସାଇ ଜଙ୍ଗଲ ଅଞ୍ଚଳରେ କରାଯାଇଥିଲା । ଏହାପରେ ସେଠାରୁ ସନ୍ତ୍ରାସବାଦୀ ଆଡ୍ଡା ସ୍ଥଳକୁ ଠାବ କରାଯାଇ ତିନି କିଲୋ ଓଜନର ଦୁଇଟି ଟିଫିନ୍ ବୋମା, ଆଉ ଏକ ବିସ୍ଫୋରକ ପଦାର୍ଥ, ବିଦ୍ୟୁତ୍ ତାର, ବ୍ୟାଟେରୀ, ଔଷଧ ଓ ଲୁଗାପଟା ଜବତ କରାଯାଇଥିଲା । ବିସ୍ଫୋରକ ପଦାର୍ଥ ଗୁଡ଼ିକ ଏକ ଗର୍ତ୍ତ ମଧ୍ୟରେ ରଖାଯାଇଥିଲା ଓ ତାହାକୁ ପଥର ଦ୍ୱାରା ଢାଙ୍କି ଦିଆଯାଇଥିଲା । ସେଗୁଡ଼ିକୁ ଅକାମି କରିବା ପାଇଁ ବୋମା ନିଷ୍କ୍ରିୟକାରୀ ଦଳକୁ ଡକାଯାଇଥିଲା । ଏହି ଘଟଣାରେ ଏପର୍ଯ୍ୟନ୍ତ କାହାରିକୁ ଗିରଫ୍ କରାଯାଇ ନାହିଁ । ଜଣେ ପୋଲିସ୍ ଅଫିସର୍ କହିଛନ୍ତି, ବିସ୍ଫୋରକ ପଦାର୍ଥ ଗୁଡ଼ିକୁ ପଥିଲିନ୍ ମୁଣାରେ ଗୁଡ଼ାଇ କରି ରଖାଯାଇଥିଲା ଓ ସନ୍ତ୍ରାସବାଦୀ ମାନଙ୍କ ଉପସ୍ଥିତି ବିଷୟରେ କୌଣସି ତଥ୍ୟ ମିଳିନଥିଲା । ସେହି ବିସ୍ଫୋରକ ପଦାର୍ଥ ଗୁଡ଼ିକୁ ନଷ୍ଟ କରି ଦିଆଯାଇଛି ଓ ସମଗ୍ର ଅଞ୍ଚଳରେ ଖୋଜାଖୋଜି ଜାରି ରହିଛି ।

# ପଞ୍ଜାବ ଫାର୍ମର୍ସ୍

ପଞ୍ଜାବର ଶମ୍ଭୁ ଠାରେ ଅମୃତସର-ଦିଲ୍ଲୀ ରେଳ ଲାଇନ୍‌ରେ ଅନେକ କୃଷକ ସଂଘ ଆଜି ଅପରାହ୍ଣରୁ ଅନିର୍ଦ୍ଦିଷ୍ଟକାଳୀନ ରେଳ ରୋକ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହା ଯୋଗୁଁ ୩୪ଟି ଟ୍ରେନ୍‌ର ଚଳାଚଳ ବାଧାପ୍ରାପ୍ତ ହୋଇଛି ଓ ରେଳବାଇ ୧୧ଟି ଟ୍ରେନ୍‌କୁ ବାତିଲ କରିଥିବା ବେଳେ ଆଉ କିଛି ଟ୍ରେନ୍‌କୁ ଅନ୍ୟ ରେଳପଥ ଦେଇ ଯାତ୍ରା କରିବାକୁ ଅନୁମତି ଦେଇଛି । ପୋଲିସ୍ ଆନ୍ଦୋଳନକାରୀ କୃଷକମାନଙ୍କୁ ରୋକିବାକୁ ଚେଷ୍ଟା କରିଥିଲା । କିନ୍ତୁ କୃଷକମାନେ ବ୍ୟାରିକେଡ୍ ଭାଙ୍ଗି ରେଳ ଲାଇନ୍ ଉପରେ ଧାରଣାରେ ବସିଥିଲେ । କୃଷକମାନେ ସେମାନଙ୍କର ତିନି ଜଣ ନେତାଙ୍କୁ ତୁରନ୍ତ ଜେଲ୍‌ରୁ ଖଲାସ କରିବାକୁ ଦାବି କରୁଛନ୍ତି ।

# ହିଟ୍‌ୱେଭ୍

ଭାରତୀୟ ପାଣିପାଗ ବିଭାଗ ପରବର୍ତ୍ତୀ ୪ ଦିନ ଧରି ଓଡ଼ିଶା ଓ ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳରେ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବାର ଅନୁମାନ କରିଛି । ଝାଡ଼ଖଣ୍ଡ, ଉତ୍ତର କୋଙ୍କୋଣ, ସୌରାଷ୍ଟ୍ର, ମଧ୍ୟ ମହାରାଷ୍ଟ୍ର, ଉପକୂଳ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ ଓ ପୁଡୁଚେରୀରେ ମଧ୍ୟ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ଅଛି । ପାଣିପାଗ ବିଭାଗ କହିଛି, ପରବର୍ତ୍ତୀ ୩ ଦିନ ଧରି ପୂର୍ବ ଓ ଦକ୍ଷିଣ ଭାରତରେ ସର୍ବୋଚ୍ଚ ତାପମାତ୍ରା

୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ଅଛି । ଉତ୍ତର ପଶ୍ଚିମାଞ୍ଚଳରେ ଆସନ୍ତାକାଲି ଠାରୁ ରବିବାର ପର୍ଯ୍ୟନ୍ତ ବର୍ଷା, ଘଡ଼ଘଡ଼ି ସହ ବର୍ଷା ଓ ବଜ୍ରପାତ ହେବାର ପାଣିପାଗ ବିଭାଗ ଅନୁମାନ କରିଛି । ଜାମ୍ମୁ, କାଶ୍ମୀର, ଲଦାଖ, ଗିଲ୍‌ଗିଟ୍, ବଲ୍ଟିସ୍ତାନ, ମୁଜାଫରାବାଦ୍, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଅଳ୍ପରୁ ମଧ୍ୟମ ବର୍ଷା ହୋଇପାରେ । ପଞ୍ଜାବ, ହରିଆନା, ଚଣ୍ଡିଗଡ଼ ଓ ଦିଲ୍ଲୀରେ ପରବର୍ତ୍ତୀ ତିନି ଦିନ ଧରି କାଁ ଭାଁ ବର୍ଷା ହେବାର ପାଣିପାଗ ବିଭାଗ ଅନୁମାନ କରିଛି ।

## ୟୁକ୍ରେନ୍-ମିଶାଇଲ୍ ଆଟାକ୍

ୟୁକ୍ରେନ୍ ଉତ୍ତରାଞ୍ଚଳର ଚେର୍ନିଭ୍ ସହରରେ ଋଷିଆ ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ଦୁଇ ଜଣ ପିଲାଙ୍କ ସହ ୧୪ ଜଣ ଲୋକ ପ୍ରାଣ ହରାଇଛନ୍ତି । ଋଷିଆ ପକ୍ଷରୁ ମାଡ଼ କରାଯାଇଥିବା ତିନୋଟି କ୍ଷେପଣାସ୍ତ୍ର ଗୁଡ଼ିକ ଆବାସିକ ଅଞ୍ଚଳ, ଡାକ୍ତରଖାନା ଏବଂ ଏକ ଉଚ୍ଚଶିକ୍ଷା ଅନୁଷ୍ଠାନରେ ପଡ଼ିଥିଲା ବୋଲି ୟୁକ୍ରେନ୍ ପକ୍ଷରୁ ଅଭିଯୋଗ କରାଯାଇଛି । ଏହି ଆକ୍ରମଣରେ ୬୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ୟୁକ୍ରେନ୍ କହିଛି । ଆକ୍ରମଣ ସ୍ଥଳରେ ସାହାଯ୍ୟ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପଶ୍ଚିମ ଦେଶ ଗୁଡ଼ିକରୁ ଆକାଶ ସୁରକ୍ଷା ସରଞ୍ଜାମ ଗ୍ରହଣ କରିଥିଲେ ଏପରି ଘଟିନଥାନ୍ତା ବୋଲି ୟୁକ୍ରେନ୍

ରାଷ୍ଟ୍ରପତି ଭୋଲ୍ଡିମିର୍ ଜେଲେନ୍ସ୍କି ସାମାଜିକ ଗଣମାଧ୍ୟମରେ କହିଛନ୍ତି ।